# ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା (SGSY) ରେ ଗୋପାଳନ

ଆମ ରାଜ୍ୟରେ ଗୋ ପାଳନ ପାଇଁ ପର୍ଯ୍ୟାପ୍ତ କ୍ଷେତ୍ର ରହିଛି । ଏହି ଗୋପାଳନରୁ ଆମେ ଆଦର୍ଶ ସୁଷମ ଖାଦ୍ୟ ରୂପେ କ୍ଷୀର ପାଇବା ସାଙ୍ଗେ ସଙ୍ଗେ ବଳଦ ଉତ୍କୃଷ୍ଟ ଗଭୀର ଚାଷ ପାଇଁ ବ୍ୟବହାର ହୋଇଥାଏ । ଏହି କ୍ଷୀର ଆମ ଶରୀରର ସର୍ବାଙ୍ଗୀନ ଗଠନ ପାଇଁ ଆବଶ୍ୟକ ହୋଇଥାଏ । ତେଣୁ କ୍ଷୀର ଆବଶ୍ୟକତା ସର୍ବତ୍ର ରହିଛି । ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ ଯଥା -ଦହି, ଛେନା, ଘିଅ ଇତ୍ୟାଦି ମଧ୍ୟ ଆମେ ପାଇଥାଉ । ଏତଦ୍ ବ୍ୟତୀତ ଏହି ଗୋପାଳନରୁ ଉତ୍କୃଷ୍ଟ ଜୈବିକ ଖତସାର ଓ ଜାଳେଣୀ ମଧ୍ୟ ମିଳିଥାଏ ।

ଗୋ-ସଂପଦ ବିକାଶ ନିମନ୍ତେ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ ଓ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ଋଣର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା

| କ୍ର.ନଂ. | ଋଣର କିସମ | ଋଣର ପରିମାଣ | ଅନୁମୋଦିତ ପଶୁ ସଂଖ୍ୟା | ଛାଡ଼ର ପରିମାଣ | ଛାଡ଼ ଯୋଗାଣକାରୀ ସଂସ୍ଥାର ନାମ |
|---|---|---|---|---|---|
| ୧. | ଶଙ୍କର ଜାତୀୟ ଗାଈ ଦୈନିକ ୬ ଲିଟର | ଟ.୨୭,୯୦୦/- | ୨ ଗୋଟି ଗାଈ | ବ୍ୟକ୍ତିଗତ | ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା |
| | | | | ସାଧାରଣ ବର୍ଗ ୩୦% ଅଥବା ସର୍ବାଧିକ ଟ.୭,୫୦୦/- | |
| | | | | ଆଦିବାସୀ ହରିଜନ ୫୦% ବା ସର୍ବାଧିକ ଟ.୧୦,୦୦୦/- | |
| ୨. | ଶଙ୍କର ଜାତୀୟ ଗାଈ-ଦୈନିକ ୮ ଲିଟର | ଟ.୩୪,୨୦୦/- | ୨ ଗୋଟି ଗାଈ | ଗୋଷ୍ଠୀ ଭିତ୍ତିକ | |
| ୩. | ଶଙ୍କର ଜାତୀୟ ଗାଈ-ଦୈନିକ ୮ ଲିଟର | ଟ.୫୧,୮୦୦/- | ୩ ଗୋଟି ଗାଈ | ସାଧାରଣ ବର୍ଗ ୫୦% ବା ସର୍ବାଧିକ ଟ.୨,୨୫,୦୦୦/- | |
| ୪. | ଶଙ୍କର ଜାତୀୟ ଗାଈ-ଦୈନିକ ୮ ଲିଟର | ଟ.୭୫,୨୦୦/- | ୪ ଗୋଟି ଗାଈ | ଆଦିବାସୀ ହରିଜନ ୫୦% ବା ସର୍ବାଧିକ ଟ.୧,୨୫,୦୦୦/- | |
| ୫. | ଶଙ୍କର ଜାତୀୟ ଗାଈ-ଦୈନିକ ୮ ଲିଟର | ଟ.୨,୫୦,୦୦୦/- | ୧୫ଗୋଟି ଗାଈ | | |
| ୬. | ଶଙ୍କର ଜାତୀୟ - ବାଛୁରୀ ପାଳନ | ଟ.୧୪,୦୦୦/- | ୧ ଗୋଟି ବାଛୁରୀ | | |
| ୭. | ଉନ୍ନତ ମଇଁଷି -ଦୈନିକ ୬ ଲିଟର | ଟ.୩୫,୫୦୦/- | ୨ଗୋଟି ମଇଁଷି | | |
| ୮. | ଉନ୍ନତ ମଇଁଷି -ଦୈନିକ ୬ ଲିଟର | ଟ.୪୬,୩୦୦/- | ୩ ଗୋଟି ମଇଁଷି | | |
| ୯. | ଭ୍ରାମ୍ୟମାଣ କୃତ୍ରିମ ପ୍ରଜନନ କେନ୍ଦ୍ର, ତରଳ ଯବକ୍ଷାରଜାନ ସହିତ ଟ୬୦,୭୦୦/- | | | | |

## ଆବେଦନ କରିବାର ପ୍ରଣାଳୀ

୧) ଆବେଦନକାରୀ ପ୍ରତ୍ୟେକ ବ୍ଲକ୍ କାର୍ଯ୍ୟାଳୟରେ ମିଳୁଥିବା ନିର୍ଦ୍ଦିଷ୍ଟ ଫର୍ମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଆବେଦନ କରିପାରିବେ । ଉକ୍ତ ଦରଖାସ୍ତ ଆବେଦନକାରୀଙ୍କ ଆବେଦନ ପତ୍ର ବ୍ଲକ୍‌ରେ ଥିବା ମନୋନୟନ କମିଟି ଦ୍ୱାରା ଯାଞ୍ଚ କରାଯାଇ ଋଣ ମଞ୍ଜୁର ନିମନ୍ତେ ବ୍ୟାଙ୍କକୁ ପଠାଯାଇଥାଏ ।

୨) ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ଋଣ ମଞ୍ଜୁର ହେବା ପରେ ବ୍ଲକ୍‌ର ଅତିରିକ୍ତ ପଶୁଚିକିତ୍ସକଙ୍କ ସହାୟତାରେ ଉନ୍ନତ ଧରଣର ଗାଈ ଯୋଗାଇ ଦିଆଯାଏ ।

୩) ଗୋପାଳନର ସ୍ୱାସ୍ଥ୍ୟଗତ ଯତ୍ନପାଇଁ ନିକଟସ୍ଥ ପଶୁଚିକିତ୍ସାଳୟ କିମ୍ବା ପଶୁଧନ ନିରୀକ୍ଷକ କେନ୍ଦ୍ରରୁ ଆବଶ୍ୟକ ସେବା ଉପଲବ୍ଧ ହୋଇପାରିବ ।



## ଅନ୍ୟାନ୍ୟ ସହାୟତା (ପ୍ରଶିକ୍ଷଣ)

ଗୋପାଳନ ପାଇଁ ସମସ୍ତ ସ୍ୱରୋଜଗାରୀମାନଙ୍କୁ ଆବଶ୍ୟକୀୟ ବୈଷୟିକ ଜ୍ଞାନକୌଶଳ ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥା ତଥା ପଶୁପାଳନ ବିଭାଗ ଦ୍ୱାରା ଯୋଗାଇ ଦିଆଯାଇଥାଏ ।

## ଯୋଗ୍ୟତା

୧) ପ୍ରତ୍ୟେକ ହିତାଧିକାରୀ ବ୍ଲକ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା (ବି.ପି.ଏଲ୍.) ଦାରିଦ୍ର୍ୟ ସୀମାରେଖା ଭିତରେ ଅନ୍ତର୍ଭୁକ୍ତ ହୋଇଥିବେ ।

୨) ଗୋପାଳନ ସମ୍ବନ୍ଧରେ ଅଭିଜ୍ଞତା ଥିବା ବ୍ୟକ୍ତି ବା ଗୋଷ୍ଠୀକୁ ଅଗ୍ରାଧିକାର ଭିତ୍ତିରେ ଋଣ ପ୍ରଦାନ ପାଇଁ ସୁଯୋଗ ଯୋଗାଇ ଦିଆଯାଏ ।

୩) ହିତାଧିକାରୀ ବ୍ୟାଙ୍କ ଋଣ ଶୁଝିବାରେ ଖିଲାପି କରିନଥିବେ ।

୪) କୌଣସି ଗୋଷ୍ଠୀ ଋଣ ପାଇବା ପାଇଁ ଯୋଗ୍ୟ ହେବାକୁ ଅନ୍ତତଃ ପକ୍ଷେ ୬ ମାସ ଗୋଷ୍ଠୀ କାର୍ଯ୍ୟ କରିଥିବେ ଏବଂ ପ୍ରଥମ ଗ୍ରେଡିଂ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ



କଳାହାଣ୍ଡି ଜିଲ୍ଲାର ଦେଓପୁର ଠାରେ ଗୋ ପ୍ରଜନନ ଶିବିରକୁ ଜିଲ୍ଲାପାଳ ଉଦ୍‌ଘାଟନ କରୁଛନ୍ତି ।



ତା ୨୮।୯।୦୫ରିଖ ଦିନ କଳାହାଣ୍ଡି ଜିଲ୍ଲାର ଦେଓପୁରଠାରେ ପଶୁ ସହାୟକ କେନ୍ଦ୍ରକୁ ଜିଲ୍ଲାପାଳ ପରିଦର୍ଶନ କରୁଛନ୍ତି ।


**ସଂପାଦକ ମଣ୍ଡଳୀ**

ମୁଖ୍ୟସଂପାଦକ :
ଶ୍ରୀଯୁକ୍ତ ବିଜୟ କୁମାର ଧଳ, ଆଇ.ଏ.ଏସ୍
ନିର୍ଦ୍ଦେଶକ, ପଶୁପାଳନ ଓ ପଶୁ ଚିକିତ୍ସା ବିଭାଗ
ଓଡ଼ିଶା

**ସଂପାଦକବୃନ୍ଦ**
ଡା. ବୀରକିଶୋର ପରିଡ଼ା
ଡା. ରମାକାନ୍ତ ମହାପାତ୍ର
ଡା. ଉମେଶ ଚନ୍ଦ୍ର ଦାସ
ଡା. ପ୍ରତାପ କୁମାର ସାହୁ

**କୋଷାଧ୍ୟକ୍ଷ**
ଡା଼ଃ. ସତ୍ୟନାରାୟଣ ପଟ୍ଟନାୟକ


**ଗୋରୁ ଅମୃତ ରସ ଦାତା, ଜଗତ ଜନ ପିତା ମାତା ।**